






## ଟି ଟାଇମ୍

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା



ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ସ୍ରିକ୍ ଏଜୁକେଶନ ଓ ଜବ୍‌ସ ପକ୍ଷରୁ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର: ସ୍ରିକ୍ ଏଜୁକେଶନ ଓ ଜବ୍‌ସ (ଏସ୍‌ଆରଆଇସି) ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଦେବା ସହ ଡ଼ିଜିଟାଲ ମିଡ଼ିଆ ଜ୍ଞାନ ଆହରଣ କରାଇବାର ଅଭିଯାନ ଜାରି ରଖିଛି । କମ୍ପ୍ୟୁଟରରେ ଦକ୍ଷତା ହାସଲ ପରେ ଛାତ୍ରଛାତ୍ରୀମାନେ କର୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ସ୍ୱାବଲମ୍ବୀ ହୋଇପାରୁଛନ୍ତି । ମାନବ ଜୀବନକୁ ସରସ ସୁନ୍ଦର କରିବାକୁ ଏସ୍‌ଆରଆଇସି ପକ୍ଷରୁ ଏଭଳି ଆଭିମୁଖ୍ୟ ଗ୍ରହଣ କରଯାଇଛି । ଏଥିନିମନ୍ତେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୭୦ରୁ ୮୦ଟି ସେଣ୍ଟର ଖୋଲିଛି । ଏହାଦ୍ୱାରା ବହୁ ଇଣ୍ଟରପ୍ରିନ୍ୟୁର ସୃଷ୍ଟି ହୋଇଛନ୍ତି । ସେମାନେ ଏହି ପ୍ରକ୍ରିୟାରେ ସାମିଲ୍ ହୋଇ ଆତ୍ମନିର୍ଭରଶୀଳ ହୋଇଛନ୍ତି । କେବଳ ଓଡ଼ିଶା କାହିଁକି ଏସ୍‌ଆରଆଇସି ପକ୍ଷରୁ ଝାଡ଼ଖଣ୍ଡରେ ୨୦ଟି, ଛତିଶଗଡ଼ରେ ୩ଟି ଏବଂ ବିହାରରେ ୭ଟି କେନ୍ଦ୍ର ଖୋଲିଛି । ସେସବୁ ରାଜ୍ୟରେ ମଧ୍ୟ ଇଣ୍ଟରପ୍ରିନ୍ୟୁରଙ୍କ ସମେତ ବହୁ ଦକ୍ଷ ଛାତ୍ରଛାତ୍ରୀ ବାହାରିଲେଣି । ଏହାଦ୍ୱାରା କମ୍ପ୍ୟୁଟର ଶିକ୍ଷାର ବହୁ ପ୍ରଚଳନ ସାଙ୍ଗକୁ ଡ଼େସ୍କଟପ ଓ ଲାପଟପ ବ୍ୟବହାର କରିବାର ଜ୍ଞାନକୌଶଳ ସହଜ ହୋଇଛି । ଦିନକୁ ଦିନ ଅଧିକରୁ ଅଧିକ ଇଣ୍ଟରପ୍ରନ୍ୟୁର, ଭଲେଣ୍ଟିୟର, ଦକ୍ଷ ଛାତ୍ରଛାତ୍ରୀ ସୃଷ୍ଟି ହେବା ସହ ଡ଼ିଜିଟାଲ ଏମ୍ପ୍ଲୋମେଣ୍ଟ ସଂଖ୍ୟା ବଢିବାରେ ଲାଗିଛି । ୨୦୧୭ ମସିହା ଛାତ୍ରଛାତ୍ରୀମାନେ ବ୍ୟକ୍ତିଗତ ଭାବେ ପାଖାପାଖି ୮୫ଟି ବ୍ରାଣ୍ଡ ନ୍ୟୁ କମ୍ପ୍ୟୁଟର କନେକ୍ସନ କରିଛନ୍ତି । ସେମାନଙ୍କର ତାଲିମ ପାଇଁ ହୋମ୍ ଟ୍ୟୁଟର ମଧ୍ୟ ନିଯୁକ୍ତ ହୋଇଛନ୍ତି । ହେଲପ ଲାଇନ୍ ଯୋଡ଼ି ହୋଇଛି । ପ୍ରତିଟି କମ୍ପ୍ୟୁଟର ନିବେଶକୁ ଅଡ଼ିଓ ଭିଜୁଆଲର ସମ୍ପୂର୍ଣ୍ଣ ପ୍ୟାକେଜ ଯୋଗାଇ ଦିଆଯାଉଛି । ଜଣେ ଛାତ୍ର ଗୋଟିଏ କମ୍ପ୍ୟୁଟର ବ୍ୟବହାର କଲେ ତାଙ୍କ ସହ ଆଉ ଜଣେ ଛାତ୍ରଙ୍କୁ ମଧ୍ୟ ବିନା ପାରିତୋଷିକରେ ତାଲିମ୍ ପାଇବାର ସୁଯୋଗ ମିଳୁଛି । ଭୁବନେଶ୍ୱରରେ ପାତ୍ରପଡ଼ାରେ ଥିବା ଏହି ଏସ୍‌ଆରଆଇସି କେନ୍ଦ୍ରର ତତ୍ତ୍ୱାବଧାନ ଏହି ସେବାରୁ ମିଳୁଥିବା ୪୦ ପ୍ରତିଶତ ରୋଜଗାରରୁ ଇଣ୍ଟରପ୍ରିନର୍ସ ଓ ଭଲେଣ୍ଟିୟର୍ସମାନଙ୍କୁ ୩୫ ପ୍ରତିଶତ ପ୍ରଦାନ କରୁଛି । ଏସ୍‌ଆରଆଇସି ମୁଖ୍ୟ ସୋମ୍ ରାୟ ପ୍ରତ୍ୟହ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ସଚେତନତା ସୃଷ୍ଟି କରୁଛନ୍ତି । ଏହାଦ୍ୱାରା ବଜାରେ ଫାଇନାସିଆଲ ଆଡ଼ଭାଇଜର, ଲଜିଷ୍ଟିକ ସୁପରଭାଇଜର ଏବଂ ସେଲ୍‌ସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି । କଷ୍ଟମର କେୟାର, ଆଇଟି ଏବଂ ବିପିଓ ସେକ୍ଟରରେ ଏହି ସେବା ଉପଲବ୍ଧ ହେବା ଫଳରେ ସେମାନଙ୍କ ପାଇଁ ଯୋଗାଯୋଗ ସହଜ ହୋଇପାରିଛି । ଭୁବନେଶ୍ୱରସ୍ଥିତ ଆର୍ଯ୍ୟା ପ୍ୟାଲେସ ହୋଟେଲରେ ଶ୍ରୀ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଏସ୍‌ଆରଆଇସିର ଝାଡ଼ଖଣ୍ଡ ମୁଖ୍ୟ ବିଭୁଦତ୍ତ ନାଗ, ଓଡ଼ିଶାର ଫୁଲବାଣି ଜିଲ୍ଲାର ଇଣ୍ଟରପ୍ରିନର କୈଳାସ ଚନ୍ଦ୍ର ସାହୁ, ଜଗତସିଂହପୁରର ଶାଶ୍ୱତୀ ପ୍ରିୟଦର୍ଶିନୀ, ମୟୁରଭଞ୍ଜର ଅନୀତା ବିଶ୍ୱାଳ, ଯାଜପୁରର ସୁଧାକର ପରିଡ଼ା, ରାୟଗଡ଼ାରା ରାଜେନ୍ଦ୍ର ଗୌଡ଼, ବଲାଙ୍ଗୀର ଯୋଗଶେ ପଟେଲ ଓ ତୁଷାର ଦାସ ପ୍ରମୁଖ ଯୋଗ ଦେଇ ନିଜର ଅଭିଜ୍ଞତା ସେୟାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, କମ୍ପ୍ୟୁଟର ପ୍ରବୀଣ, ଇଣ୍ଟରପ୍ରିନର ଏବଂ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମାୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦ୍ରୁତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀରେ ଶାନ୍ତି ଶୋଭାଯାତ୍ରା ନିଷ୍ପତି

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ଦାବୀରେ ଫୁଲବାଣୀ ସାମ୍ବାଦିକ ଭବନଠାରେ କନ୍ଧମାଳ ମିଳିତ ନାଗରିକ ମଂଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲାର ୮୦ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖାର ତଳେ ଥିବାରୁ ଏହି ଜିଲା ରାଜ୍ୟର ଆର୍ଥିକ ସ୍ୱଚ୍ଛଳତା ରାଜ୍ୟର ସବୁଠାରୁ ପଛୁଆ ଜିଲା ଭାବରେ ପରିଗଣିତ । ରାଜ୍ୟର ଯେକୌଣସି ମେଡିକାଲ କଲେଜରେ ଚିକିତ୍ସା ସୁବିଧା ପାଇବାକୁ ହେଲେ ଏହି ଜିଲାର ଲୋକଙ୍କୁ ୨ଶହରୁ ୩ଶହ କିମି ରାସ୍ତା ଦେଇ ଯିବାକୁ ପଡୁଛି । ଫଳରେ ରାସ୍ତାରେ ହିଁ କିଛି ଗରୀବ ଶ୍ରେଣୀର ଲୋକେ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଉ କିଛି ଆର୍ଥିକ ଅଭାବରୁ ସେଠାରେ ଯାଇ ଚିକିତ୍ସିତ ହୋଇପାରୁନାହାନ୍ତି । ତେଣୁ କନ୍ଧମାଳ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବୀ କରିଆସୁଛନ୍ତି ଜିଲାବାସୀ । ହେଲେ ସରକାର ଏହାକୁ ଅଣଦେଖା କରିଆସୁଛନ୍ତି । କିଛି ଦିନ ପୂର୍ବେ କେନ୍ଦ୍ର ସରକାର ଦେଶର ବିଭିନ୍ନ ସ୍ଥାନରେ ୭୫ ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ତେଣୁ ଆସନ୍ତା ୨୧ ତାରିଖରେ ଜିଲାରେ ଗୋଟିଏ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ଦାବୀରେ କନ୍ଧମାଳ ଜିଲାର ୧୨ଟି ବ୍ଲକରେ ଏକା ସମୟରେ ଏକ ଶାନ୍ତି ଶୋଭାଯାତ୍ରା କରାଯିବା ସହିତ ସରକାରଙ୍କୁ ଏ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତି ନିଆଯାଇଛି । ଏହି ଶୋଭାଯାତ୍ରାରେ ଜିଲାର ସବୁ ସଂଗଠନ ସାମିଲ ହେବେ । ଜିଲା ସିଟିଜେନ ଫୋରମ ଠାରୁ ଆରମ୍ଭ କରି ଜିଲା ବିକାଶ ପରିଷଦ,ବାର୍ ଆସୋସିଏସନ,ପ୍ରେସ୍ କ୍ଲବ, ମିଡିଆ ଫୋରମ, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, କୁଇ ସମାଜ, ପାଣ ସମାଜ, ଅଟୋ ସଂଘ, ବସ୍ ମାଲିକ ସଂଘ, ଟ୍ୟାକ୍ସି ଚାଳକ ସଂଘ, ମିନି ଟ୍ରକ୍ ସଂଘ, କୁଲି ମୂଲିଆ ସଂଘ, ବଣିକ ସଂଘ, କର୍ମଚାରୀ ସଂଗ୍ରାମ ସମିତି, ନେତାଜୀ ଯୁବକ ସଂଘ, ଜିଲା ନାଗରିକ ସଂଘ, ଟ୍ରାକ୍ଟର ଚାଳକ ସଂଘ, ପିଏଜି, ଖଲାସି ସଂଘ, କିନ୍ନର ସଂଘ ଭଳି ଜିଲାର ଅନେକ ଛୋଟ ବଡ ସଂଘର କର୍ମକର୍ତା ମାନେ ଏକାଠି ହୋଇ ଏହି ଆନ୍ଦୋଳନରେ ସାମିଲ ହେବା ସହିତ କନ୍ଧମାଳ ମିଳିତ ନାଗରିକ କମିଟିର ଏହି ଦାବୀକୁ ସମର୍ଥନ ଜଣାଇଛନ୍ତି । ମିଳିତ ନାଗରିକ କମିଟି ଏହି ଦାବୀକୁ ଆଗକୁ ନେବ । ଏହି ବୈଠକରେ ଏକ ପରିଚାଳନା କମିଟି ଗଠନ କରାଯାଇଛି । ଜିଲାର ପ୍ରତି ବ୍ଲକରୁ ଜଣେ କିମ୍ବା ଦୁଇଜଣ ସଦସ୍ୟ କମିଟିରେ ରହିବା ବ୍ୟବସ୍ଥା କରାଯାଇଥିବାବେଳେ କମିଟିର ସଭାପତି ଭାବେ ଡଃ. ଅରୁପ କୁମାର ଜେନା ଓ ଆବାହକ ଭାବରେ ଅଶୋକ କୁମାର ପରିଡା ସର୍ବ ସମ୍ମତି କ୍ରମେ କମିଟିର ସଭାପତି ଭାବରେ ମନୋନୀତ ହୋଇଥିବା ବେଳେ ଉପ-ସଭାପତି ଭାବରେ ଗୋବିନ୍ଦ ଘଟାଳ, ମନୋଜ ପଟ୍ଟନାୟକ, ଅଶୋକ ପଟ୍ଟନାୟକ, ପ୍ରଶାନ୍ତ କୁମାର ପାତ୍ର, ଶିବାନନ୍ଦ ପଟ୍ଟନାୟକ, ପ୍ରଶନ୍ନ କୁମାର ସାହାଣୀ, ସୂର୍ଯ୍ୟ ମହାପାତ୍ର, ଅଜିତ କୁମାର ମହାରଣା, ସହ-ସମ୍ପାଦକ ଭାବରେ କୁନ୍ଦନ ସିଂ, ବିଶ୍ୱରଞ୍ଜନ ଦାସ, କୋଷାଧ୍ୟକ୍ଷ ଭାବେ ପଦ୍ମଚରଣ ସ୍ୱାଇଁ ସହକାରୀ କୋଷାଧ୍ୟକ୍ଷ ଭାବରେ ଏଲ. ତ୍ରିନାଥ ପାତ୍ର ମିଡିଆ ସେଲର ଅଧ୍ୟକ୍ଷ ଭାବରେ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ଭାବରେ ଶରତ ଚନ୍ଦ୍ର ସାହୁ, ମନୋଜ ଚୌଧୁରୀ, ଉମେଶ ପ୍ରସାଦ ପାତ୍ର, ଅନିଲ କୁମାର ଚୌଧୁରୀ, ପ୍ରମୋଦ ସାହୁ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ମନୋନୀତ ହୋଇଛନ୍ତି । କମିଟିରେ ଆଇନ ପରାମର୍ଶଦାତା ଭାବରେ ଆଇନଜିବୀ ବିଜୟକୃଷ୍ଣ ପଟ୍ଟନାୟକ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ନବୀନ କିଶୋର ପଣ୍ଡା, ରବିନ୍ଦ୍ରନାଥ ମିଶ୍ର, ବିଜୟ ମହାନ୍ତି(ଓକିଲ), ବିଜୟ ମହାନ୍ତି(ସାମ୍ବାଦିକ), ଆଇନଜୀବି ଅସୀମ ପ୍ରହରାଜ, ପ୍ରିୟନାଥ ଶର୍ମା, ବ୍ରଜକିଶୋର ପଟ୍ଟନାୟକ, ଅଶୋକ କୁମାର ବେହେରା, ନବକିଶୋର ବେହେରା ଓ ନାରାୟଣ ସାହୁ ପ୍ରମୁଖ ରହିଛନ୍ତି ।

## ଚଣ୍ଡିଖୋଲ ଛକରେ ସଫେଇ କାର୍ଯ୍ୟକ୍ରମ

ଧର୍ମଶାଳା,(ପିଏନ)-ଯାଜପୁର ଜିଲ୍ଲାର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ଚଣ୍ଡିଖୋଲ ଛକରେ ଆଜି ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବହୁ ଦିନରୁ ଗଦା ହୋଇଥିବା କୁଢ କୁଢ ଅଳିଆ ଆବର୍ଜନା ଜମିରହି ଛକର ପରିବେଶକୁ ପ୍ରଦୁଷିତ କରୁଥିଲା । ବିଶେଷ କରି ପରିବା ମାର୍କେଟ ଓ ବସଷ୍ଟାଣ୍ଡ ନିକଟରେ ଆବର୍ଜନାରେ ଯାତ୍ରୀମାନେ ଅଣନିଶ୍ୱାସୀ ହୋଇ ପଡୁଥିଲେ । ଏହି ପରି ପ୍ରେକ୍ଷିରେ ଆଜି ସୁଙ୍ଗୁଡ଼ା ପଂଚାୟତ ଓ ବଡ଼ଚଣା ପୋଲିସ ମିଳିତ ସହଯୋଗ ରେ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ପରିବା ମାର୍କେଟ, ମାଛ ମାର୍କେଟ, ବୁଦ୍ଧ ମୂର୍ତି ଚର୍ତୁପାର୍ଶ୍ୱ ଠାରୁ ଆରମ୍ଭ କରି ଆଂଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ , ସେପଟେ ଷ୍ଟେଟ ବ୍ୟାଙ୍କ ଠାରୁ ଚଣ୍ଡିଖୋଲ ଟ୍ରାଫିକ, ମାଂସ ମାର୍କେଟ ଓ କେନ୍ଦ୍ର ପଡ଼ା ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କାର୍ଯ୍ୟକ୍ରମ ହୋଇଥିଲା ।

### ବିକାଶ ଓ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ନୂଆ ବ୍ୟବସ୍ଥା

# ଘରୋଇ କମ୍ପାନୀ ପାଇଁ କର୍ପୋରେଟ ଟିକସ ୨୨%କୁ ହ୍ରାସ

ନୂଆଦିଲ୍ଲୀ,(ପିଏନ)- ଭାରତ ସରକାର ଆୟକର ଆଇନ ୧୯୬୧ ଏବଂ ଅର୍ଥ (ସଂଖ୍ୟା ୨) ଆଇନ ୨୦୧୯ରେ କେତେକ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ କର ନିର୍ଦ୍ଧାରଣ ଆଇନ (ସଂଶୋଧନ) ଅଧ୍ୟାଦେଶ ୨୦୧୯ ଆଗତ କରିଛନ୍ତି । କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଆଜି ଗୋଆରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଅର୍ଥମନ୍ତ୍ରୀ ଏହି ସଂଶୋଧନର ଯେଉଁ ବିଶେଷତ୍ୱ ବିଷୟରେ ସୂଚନା ଦେଇଥିଲେ ।

ବିକାଶ ଏବଂ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଏକ ନୂଆ ବ୍ୟବସ୍ଥା କରାଯାଇଛି । ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ଲାଗୁ ହେବ । ଏହି ବ୍ୟବସ୍ଥା ଦ୍ୱାରା ଯେକୌଣସି ଘରୋଇ କମ୍ପାନୀ ୨୨% ହାରରେ ଆୟକର ପରିଶୋଧ କରିବାର ବିକଳ୍ପ ପାଇବେ । ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନ ଗ୍ରହଣ ନକରିବାର ସର୍ତରେ ସେମାନଙ୍କୁ ଏହି ସୁବିଧା ମିଳିପାରିବ । ସରଚାର୍ଜ ଏବଂ ସେସକୁ ମିଶାଇ କମ୍ପାନୀଗୁଡ଼ିକ ପାଇଁ ଲାଗୁ ଦର ୨୫.୧୭% ରହିବ । ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ ।

ଉତ୍ପାଦନ କ୍ଷେତ୍ରରେ ନୂଆ ନିବେଶକୁ ଆକୃଷ୍ଟ କରିବା ଏବଂ ସରକାରଙ୍କ 'ମେକ ଇନ ଇଣ୍ଡିଆ'କୁ ପ୍ରୋତ୍ସାହନ ଦେବା ଲାଗି ଆୟକର ଆଇନରେ ଆଉ ଏକ ନୂଆ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯାଇଛି । ଏହା ୨୦୧୯-୨୦ ଆର୍ଥିକ ବର୍ଷ ଠାରୁ ଲାଗୁ ହେବ । ୧ ଅକ୍ଟୋବର ୨୦୧୯ କିମ୍ବା ଏହାପରେ ପ୍ରତିଷ୍ଠିତ ହୋଇଥିବା ଯେକୌଣସି ନୂଆ ଉତ୍ପାଦନଭିତିକ ଘରୋଇ କମ୍ପାନୀକୁ ୧୫% ଦରରେ ଟିକସ ପଇଠ କରିବାର ବିକଳ୍ପ ମିଳିବ । ତେବେ କୌଣସି ପ୍ରକାରର ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେଉଥିବା ଏବଂ ୩୧ ମାର୍ଚ୍ଚ ୨୦୨୩ କିମ୍ବା ତା' ପୂର୍ବରୁ ଉତ୍ପାଦନ ଆରମ୍ଭ କରୁଥିବା କମ୍ପାନୀକୁ ଏହି ସୁବିଧା ମିଳିବ ନାହିଁ । ସରଚାର୍ଜ ଏବଂ ସେସ୍‌କୁ ମିଶାଇ ଏହି କମ୍ପାନୀଗୁଡ଼ିକ ପାଇଁ ଲାଗୁ ଟିକସ ଦର ୧୭.୦୧% ରହିବ । ଏପରି କମ୍ପାନୀଗୁଡ଼ିକୁ ସର୍ବନିମ୍ନ ବିକଳ୍ପ ଟିକସ ପଇଠ କରିବାର ମଧ୍ୟ ଆବଶ୍ୟକତା ରହିବ ନାହିଁ ।

ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରୁନଥିବା ତଥା ଟିକସ ଛାଡ଼ କିମ୍ବା ପ୍ରୋତ୍ସାହନର ଲାଭ ଉଠାଉଥିବା କମ୍ପାନୀକୁ ପୂର୍ବ ସଂଶୋଧିତ ଦରରେ ଟିକସ ପଇଠ କରିବାକୁ ପଡ଼ିବ । ତେବେ ଏପରି କମ୍ପାନୀ ନିଜ ଟିକସ ଛାଡ଼ ଅବଧି ଶେଷ ହେବା ପରେ ରିହାତି ଟିକସ ବ୍ୟବସ୍ଥାର ବିକଳ୍ପ ଚୟନ କରିପାରିବେ । ବିକଳ୍ପ ଚୟନ କରିବା ପରେ ସେମାନେ ୨୨% ଦରରେ ଟିକସ ପଇଠ କରିବା ଲାଗି ଉତରଦାୟୀ ହେବେ । ଥରେ ଏହି ବିକଳ୍ପ ଚୟନ କରିବା ପରେ ଏହି ବିକଳ୍ପକୁ ପ୍ରତ୍ୟାହାର କରାଯାଇପାରିବ ନାହିଁ । ରିହାତି କିମ୍ବା ପ୍ରୋତ୍ସାହନର ଲାଭ ନେବା ଜାରି ରଖୁଥିବା କମ୍ପାନୀଗୁଡ଼ିକୁ ରିହାତି ପ୍ରଦାନ କରିବା ଲାଗି ସର୍ବନିମ୍ନ ବିକଳ୍ପ ଟିକସ ଦରକୁ ୧୮.୫%ରୁ ହ୍ରାସ କରି ୧୫% କରି ଦିଆଯାଇଛି ।

ପୁଞ୍ଜି ବଜାରରେ ଅର୍ଥ ପ୍ରବାହକୁ ସ୍ଥିର ରଖିବା ଉଦ୍ଦେଶ୍ୟରେ ଜଣେ ବ୍ୟକ୍ତି, ଏଚୟୁଏଫ, ଏଓପି, ବିଓଆଇ ଏବଂ ଏଜେପି ହାତରେ ଥିବା ଏକ କମ୍ପାନୀ କିମ୍ବା ଇକ୍ୟୁଟି ଆଧାରିତ ପାଣ୍ଠି, କିମ୍ବା ପ୍ରତିଭୂତି କାରବାର ଟିକସ ପାଇଁ ଉତରଦାୟୀ ଏକ ବ୍ୟବସାୟିକ ଟ୍ରଷ୍ଟର ଏକ ୟୁନିଟରେ ଇକ୍ୟୁଟି ଶେୟାର ବିକ୍ରିରୁ ମିଳୁଥିବା ପୁଞ୍ଜି ଲାଭ ଉପରେ ଅର୍ଥ (ସଂଖ୍ୟା ୨), ଆଇନ ୨୦୧୯ ଦ୍ୱାରା ବର୍ଦ୍ଧିତ ସରଚାର୍ଜ ଲାଗୁ ହେବ ନାହିଁ ।

ବର୍ଦ୍ଧିତ ସରଚାର୍ଜ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ଦ୍ୱାରା ଡେରିଭେଟିଭ୍ସ ସମେତ କୌଣସି ପ୍ରକାର ପ୍ରତିଭୂତି ବିକ୍ରିରୁ ହେଉଥିବା ଲାଭ ଉପରେ ମଧ୍ୟ ଲାଗୁ ହେବ ନାହିଁ । ୬.୫ ଜୁଲାଇ ୨୦୧୯ ପୂର୍ବରୁ ଶେୟାର ବାଏବ୍ୟାକ ଘୋଷଣା କରୁଥିବା ତାଲିକାଭୁକ୍ତ କମ୍ପାନୀଗୁଡ଼ିକୁ ଏଥିପାଇଁ ଲାଗୁ ହେଉଥିବା ଟିକସ ଦେବାକୁ ପଡ଼ିବ ନାହିଁ । ଉକ୍ତ କମ୍ପାନୀଗୁଡ଼ିକୁ ରିହାତି ଦେବା ଲାଗି ଏହି ନିଷ୍ପତି ନିଆଯାଇଛି । ସିଏସଆର ଅନ୍ତର୍ଗତ ହେଉଥିବା ୨% ଖର୍ଚ୍ଚର ପରିଧି ବୃଦ୍ଧି କରିବା ଲାଗି ମଧ୍ୟ ସରକାର ନିଷ୍ପତି ନେଇଛନ୍ତି । ବର୍ତମାନ ୨% ସିଏସଆର ଅର୍ଥରାଶି କେନ୍ଦ୍ର କିମ୍ବା ରାଜ୍ୟ ସରକାର କିମ୍ବା ଅନ୍ୟ କୌଣସି ଏଜେନ୍ସି କିମ୍ବା କେନ୍ଦ୍ର ଓ ରାଜ୍ୟର ରାଷ୍ଟ୍ରାୟତ ଉଦ୍ୟୋଗ ଦ୍ୱାରା ଅର୍ଥ ଯୋଗାଣ ହେଉଥିବା ଇନକ୍ୟୁବେଟର୍ସ ଉପରେ ମଧ୍ୟ ଖର୍ଚ୍ଚ କରାଯାଇପାରିବ । ଏଥିସହିତ ଏସଡିଜିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଏବଂ ମେଡିସିନ କ୍ଷେତ୍ରରେ ଗବେଷଣା କରୁଥିବା ସରକାରୀ ବିଶ୍ୱ ବିଦ୍ୟାଳୟ, ଆଇଆଇଟି, ଜାତୀୟ ଗବେଷଣାଗାର ଏବଂ ସ୍ୱାୟତ ସଂସ୍ଥା (ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଆଇସିଏଆର, ଆଇସିଏମଆର, ସିଏସଆଇଆର, ଡିଏଇ, ଡିଆରଡିଓ, ଡିଏସଟି ଅଧୀନରେ ପ୍ରତିଷ୍ଠିତ) ଲାଗି ମଧ୍ୟ ଏହି ଅର୍ଥ ଖର୍ଚ୍ଚ କରାଯାଇପାରିବ । କର୍ପୋରେଟ ଟିକସ ଦରରେ ରିହାତି ଏବଂ ଅନ୍ୟ ରିହାତି ଘୋଷଣା ହେବା ଫଳରେ ରାଜକୋଷ ଉପରେ ୧,୪୫, ୦୦୦ କୋଟି ଟଙ୍କାର ବୋଝ ପଡ଼ିବ ।

# ନିର୍ମାଣରେ ବ୍ୟାପକ ଅନିୟମିତତା ପାଣିରେ ପଡିଲା ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା

ଧର୍ମଶାଳା,(ପିଏନ)- ଯାଜପୁର ଜିଲ୍ଲା ବଡଚଣା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ହେଉଥିବା ଉନ୍ନତି ମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଚଣ୍ଡିଖୋଲ ମୋଟରଯାନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ଚାଳକ ପରୀକ୍ଷା ସରଣୀ ନିର୍ମାଣ । ମାତ୍ର ବର୍ଷକ ପୂର୍ବେ ଉଦଘାଟିତ ହୋଇଥିବା ଘରକୁ ଏବେ ଦେଖିଲେ ନିର୍ମାଣରେ କେତେ ତୃଟି ହୋଇଛି ତାହା ଜଳ ଜଳ କରି ବାହାରକୁ ଦେଖାଯାଉଛି । ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୨ କୋଟି ୫ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ବରାଦରେ ନିର୍ମିତ ହୋଇଥିବା ଏହି ପ୍ରକଳ୍ପଟିକୁ ୬.୭.୨୦୧୮ରିଖରେ ତତକାଳିନ ପରିବହନ ମନ୍ତ୍ରୀ ଡାଃ ନୃସିହଂ ଚରଣ ସାହୁ ଉଦଘାଟନ କରିଥିଲେ । ଚଣ୍ଡିଖୋଲ ଆଂଚଳିକ ପରିବହନ କାର୍ଯ୍ୟାଳୟରେ ଗାଡ ଗୁଡିକର ଫିଟନେସ ପ୍ରମାଣପତ୍ର ଦେବାପାଇଁ ସ୍ଥାନର ଅଭାବ ଯୋଗୁ ଏହି ପ୍ରକଳ୍ପଟି ନିର୍ମଣ କରାଯାଇଥିଲା । ଏଥିରେ ଯାନ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସହିତ ଚାଳକଙ୍କ ପାଇଁ ବିଶ୍ରାମ ଗୃହ ଓ ଯାନ ଗୁଡିକର ପରୀକ୍ଷା ପାଇଁ କାର୍ଯ୍ୟାଳୟ ସମ୍ମୁଖରେ ପିଚୁରେ ନିର୍ମିତ ସାରଣୀ କରାଯାଇଥିଲା । ମାତ୍ର ନିମ୍ନ ମାନର କାର୍ଯ୍ୟ ଯୋଗୁ ମାତ୍ର ଦିନ କେଇଟାରେ ସରଣୀର ପିଚୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇ ସେହି ସବୁ ସ୍ଥାନରେ ବଡ ବଡ ଗାଡ ସୃଷ୍ଟି ହୋଇ ଗଲାଣି । କାର୍ଯ୍ୟାଳୟ ଚଟାଣର ଟାଇଲ ସବୁ ନିମ୍ନମାନର ଲଗା ହୋଇଥିବାରୁ ସେଗୁଡିକ ଏବେ ଉଠିବାକୁ ବସିଲାଣି । କାର୍ଯ୍ୟାଳୟର ରଙ୍ଗ ମଧ୍ୟ ଏହା ଭିତରେ ଫିକା ପଡିଗଲାଣି । ଦର୍ପଣ ତହସିଲ ଅନ୍ତର୍ଗତ ଅକବରାବାଦ ମୌଜାର ୩ ଏକର ସରକାରୀ ଜମିରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା ବେଳେ ଜାରକାର ଜୈନେକ ଠିକାଦାରାଙ୍କୁ ଏହାର ନିର୍ମାଣ କାର୍ଯ୍ୟାଦେଶ ମିଳିଥିଲା । ଯାଜପୁର ଜିଲ୍ଲା ଗ୍ରାମୀଣ ନିର୍ମାଣ ବିଭାଗ ୨ ଡିଭିଜନ ଅଧିନରେ ଥିବା ଚଣ୍ଡିଖୋଲ ସବଡିଭିଜନର ସହକାରୀ ଯନ୍ତ୍ରୀ ତଦାରଖ ଦାୟିତ୍ୱରେ ଥିଲେ । ବ୍ଲକର କିଛି କୁଜି ଠିକାଦାର ମୁଖ୍ୟ ଠିକାଦାର ଠାରୁ କାମ ଚୁକ୍ତି ମାଧ୍ୟମରେ ଆଣି ଏହି କାମକୁ ଅତି ନିମ୍ନ ମାନର କରିଥିଲେ । ନିକଟରେ ବର୍ତମାନର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଚଣ୍ଡିଖୋଲ ଅଂଚଳିକ କାର୍ଯ୍ୟାଳୟକୁ ଆସି ଏହି ପ୍ରକଳ୍ପ ଗସ୍ତରେ ଯାଇ ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ ଓ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବ ବୋଲି ଉପସ୍ଥିତ ଥିବା ଗଣ ମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିଶୃତି ଦେଇଥିଲେ ।

# କ୍ୟାପିଟାଲ ପୋଷ୍ଟରର ୩୨ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ପର୍ବ




ଭୁବନେଶ୍ୱର,(ପିଏନ୍) : ଗଣମାଧ୍ୟମ ହେଉଛି ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ । ଏହାକୁ ବାଦ୍ ଦେଇ କୌଣସି ରାଷ୍ଟ୍ର ପ୍ରଗତି ହାସଲ କରିପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ସରକାରୀ କାର୍ଯ୍ୟଧାରା ଓ ଗଣମାଧ୍ୟମର ସମନ୍ୱୟ ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତପୋଷଣ କରିଛନ୍ତି ।

ଗୀତଗୋବିନ୍ଦ ସଭାକକ୍ଷରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାପ୍ତାହିକ ସମ୍ବାଦପତ୍ର 'କ୍ୟାପିଟାଲ ପୋଷ୍ଟର'ର ୩୨ତମ ସ୍ୱନକ୍ଷତ୍ର ସମ୍ବର୍ଦ୍ଧିତ ଉତ୍ସବ ମନୋଜ୍ଞ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ବିଶିଷ୍ଟ ଅତିଥି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏବଂ ସମ୍ମାନିତ ଅତିଥି ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ମୂଲ୍ୟବୋଧ ଓ ପ୍ରଭାବ ସମ୍ପର୍କରେ ଆଲୋକପାତ କରି ପ୍ରଗତିଶୀଳ ରାଷ୍ଟ୍ରରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସେମାନେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବା ଉଚିତ୍ ବୋଲି କହିଛନ୍ତି । ଏହାଦ୍ୱାରା ଜନସାଧାରଣଙ୍କର ଆସ୍ଥା ବୃଦ୍ଧି ପାଇବା ସହିତ ରାଷ୍ଟ୍ରର ପ୍ରଗତିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିବା ସହ ଏହି ସାପ୍ତାହିକ କ୍ୟାପିଟାଲ ପୋଷ୍ଟର ନିରବଚ୍ଛିନ୍ନ ଭାବରେ ଦୀର୍ଘ ୩୧ବର୍ଷ ଧରି ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ଚଳାଇ ଆସୁଥିବାରୁ ଆଜି ୩୨ ବର୍ଷରେ ପଦାର୍ପଣ କରୁଛି ଏଣୁ ଏହାର ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଥିଲେ । ଉକ୍ତ ଉତ୍ସବରେ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ବିଶୋୟୀ, ସୁରେନ୍ଦ୍ର ସାହୁ ସମ୍ପାଦକୀୟ ବାର୍ତାରେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ ସମସ୍ତଙ୍କ ସହଯୋଗ ଆଗକୁ ଆଗେଇ ଚାଲିବ ବୋଲି ଆଶାପୋଷଣ କରିଥିଲେ । ଉତ୍ସବରେ ଅତିଥିମାନେ ରାଜ୍ୟର ପ୍ରତିଭାଧାରୀ ଯୁବ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ସୁଦୂର ବରଗଡ଼ରୁ ପ୍ରକାଶିତ ସାପ୍ତାହିକ ଗଣଇସ୍ତାହାରର ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର, ଗ୍ରାମାଞ୍ଚଳର ସାମ୍ବାଦିକ ପ୍ରମୋଦ ପରିଡ଼ା, ସମାଜସେବୀ ମମତା ବିଶ୍ୱାଳ ଯୁବ ସମାଜସେବୀ ଉମେଶ କୁମାର ନନ୍ଦ ଏବଂ ବିଶିଷ୍ଟ ଶିକ୍ଷାବିତ୍ ଜ୍ଞାନେନ୍ଦ୍ରିୟ ମିଶ୍ର, ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ନିଗମମାନଙ୍କରେ ଦାୟିତ୍ୱ ନେଇଥିବା ଉପଦେଷ୍ଟା, ଅଧ୍ୟକ୍ଷ, ସଭାପତି ଲେନିନ୍ ମହାନ୍ତି, ସମ୍ପାଦକ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ, ସୁଜିତ୍ କୁମାର, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଅନୁଭବ ପଟ୍ଟନାୟକ, ଉପଦେଷ୍ଟା, ଇଟି ଆଣ୍ଡ ଆଇଟି, କୃତ୍ତିବାସ ପାତ୍ର, ଉପଦେଷ୍ଟା, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉତ୍କଳ କେଶରୀ ପରିଡ଼ା, ଉପଦେଷ୍ଟା, ଚିଲିକା ଉନ୍ନୟନ କର୍ତୃପକ୍ଷ, ଦେବାଶିଷ ମଲ୍ଲିକ୍, ଉପଦେଷ୍ଟା, ଓଡ଼ିଶା ବନ ଉନ୍ନୟନ ନିଗମ, ସୁଲତା ଦେଓ, ଉପଦେଷ୍ଟା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଜନ୍ମେଜୟ ଲେଙ୍କା, ଉପଦେଷ୍ଟା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରାମଚନ୍ଦ୍ର ପଣ୍ଡା, ଉପଦେଷ୍ଟା, ରାଜ୍ୟ କୃଷି ବିପଣନ ପରିଷଦ, ଦେବାଶିଷ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା କୃଷି ଶିଳ୍ପ ନିଗମ, ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟକ୍ଷ, ରାଜ୍ୟ ବିହନ ନିଗମ, ପ୍ରଭାତ ଆଦିତ୍ୟ ମିଶ୍ର, ଅଧ୍ୟକ୍ଷ, ଆପିକଲ, ଅନୁପ ସାଏ, ଅଧ୍ୟକ୍ଷ, ଓଡ଼ିଶା ପଣ୍ୟଗାର ନିଗମ, ଅସିତ୍ ପଟ୍ଟନାୟକ, ଅଧ୍ୟକ୍ଷ, ଫିସ୍‌ଫେଡ଼, ଅମରେନ୍ଦ୍ର ଦାସ, ଅଧ୍ୟକ୍ଷ, ଓଡ଼ିଶା କାଜୁ ଉନ୍ନୟନ ନିଗମ, ଲୁଲୁ ଅମାତ, ଅଧ୍ୟକ୍ଷ, ରାଜ୍ୟ ଗ୍ରାମ୍ୟ, ଗୃହ ଉନ୍ନୟନ ନିଗମ, ଚିନ୍ମୟ ସାହୁ, ଅଧ୍ୟକ୍ଷ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ, ଶ୍ରୀମୟୀ ମିଶ୍ର, ଅଧ୍ୟକ୍ଷ, ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅମରେଶ ପତ୍ରୀ, ଅଧ୍ୟକ୍ଷ, ରାଜ୍ୟ ଉଠାଜଳସେଚନ ନିଗମ, ସତ୍ୟବ୍ରତ ତ୍ରିପାଠୀ, ଅଧ୍ୟକ୍ଷ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, ବିଜୟ କୁମାର ନାୟକ, ଅଧ୍ୟକ୍ଷ, ରାଜ୍ୟ ଯୁବ କଲ୍ୟାଣ ପରିଷଦ, ପ୍ରିୟଦର୍ଶୀ ମିଶ୍ର, ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ଼, ସୁବାସ ସିଂ, ଅଧ୍ୟକ୍ଷ, ଓଡ଼ିଶା କୋଠାବାଡ଼ି ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼, ସଂଗ୍ରାମ କେଶରୀ ପାଇକରାୟ, ସଭାପତି, ରାଜ୍ୟ ଖଦୀ ଓ ଗ୍ରାମଦ୍ୟୋଗ ବୋର୍ଡ଼, ସୁଧୀର ଦାସ, ଉପଦେଷ୍ଟା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଦିଲ୍ଲୀପ ତର୍କୀ, ଅଧ୍ୟକ୍ଷ, ରାଜ୍ୟ ହକି ପ୍ରମୋଶନ କାଉନସିଲ୍, ମାନସ ମଡ଼କାମୀ, ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ,ମାଲକାନଗିରି, ବିନୟ ଟପ୍ପୋ, ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ସୁନ୍ଦରଗଡ଼, ସସ୍ମିତା ବାଗ୍‌ଚି, ଅଧ୍ୟକ୍ଷ, ମୋ ସ୍କୁଲ୍, ଆକାଶ ଦାସନାୟକ, ଅଧ୍ୟକ୍ଷ, ମୋ କଲେଜ, ମୁଜିବୁଲ୍ଲା ଖାଁ, ଉପଦେଷ୍ଟା, ଜାତି, ଜନଜାତି ଓ ପଛୁଆବର୍ଗ ଉନ୍ନୟନ, ମିନତୀ ବେହେରା, ଅଧ୍ୟକ୍ଷା, ରାଜ୍ୟ ମହିଳା କମିଶନର, କସ୍ତୁରୀ ମହାପାତ୍ର, ଅଧ୍ୟକ୍ଷା, ସମାଜ ମଙ୍ଗଳ ବୋର୍ଡ଼, ସୁଲୋଚନା ଦାସ, ଅଧ୍ୟକ୍ଷା, ରାଜ୍ୟ ଭିନ୍ନକ୍ଷମ କମିଶନର, ଲୋପାମୁଦ୍ରା ବକ୍ସିପାତ୍ର, ଅଧ୍ୟକ୍ଷା, ମିଶନ ଶକ୍ତି, ପୁଷ୍ପେନ୍ଦ୍ର ସିଂଦେଓ, ସଦସ୍ୟ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ମାନସ ମଙ୍ଗରାଜ, ଉପଦେଷ୍ଟା, ଗଣମାଧ୍ୟମ ଓ ଲୋକସମ୍ପର୍କ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଜଗନ୍ନାଥ ଜଣାଣ, ବୃକ୍ଷ ସହ ଏକ ଫଳକ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ସୁମିତ୍ରା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାସ୍କର ଜେନା, ଉମେଶ ନନ୍ଦ, ଲିଲିପ୍ସା, ସୁଚିସ୍ମିତା, ସ୍ୱାତୀ, ସଂଘମିତ୍ରା, ଚିନ୍ମୟୀ, ଲିଟୁ, ବାପୁନ, ସତ୍ୟ ଓ ମୁନାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ବେଶ୍ ସଫଳ ହୋଇପାରିଥିଲା ।


## OFFICE OF THE MUNICIPAL COUNCIL, BELPAHAR

**No.2552/** **dt.19.9.2019**

**Phone-06645-250458**

**FAX-06645-250236**

**Email-nacbelpahar@gmail.com**

***Notice Inviting Expression of Interest (EOI)***

Expression of Interest(EOI), are invited from reputed Consultants/Architects/Firms/ Technical institutions/Specialized experts having valid PAN, GSTIN and service tax registration certificate at least 10 years of experience who are already involved in preparation of plan, design, detailed estimate, rate analysis, supervision of work, field survey, suitable feasibility test, Soil bearing capacity test, study of required data as per OPWD and related guidelines governing stipulations for preparation of a DETAILED PROJECT REPORT(DPR), including plan, site map, detailed drawing, structural design, estimate, SBC test in respect of following projects to be executed in Belpahar Municipality, Belhahar, Dist-Jharsuguda-768218, Odisha on percentage rate basis.

The quotationers should be qualified architect and registered member of Council of Architecture. In case of proprietorship firm the proprietor and in case of partnership firm all the partner must have valid registration under Council of Architecture. The consultant should have previous experience and must have completed similar nature of works under any developmental authority or Urban Local Bodies of the state, preference shall be given to those consultant having financial turnover of 1 crores and above during last three financial year. The quotation shall be submitted through registered post/speed post only (Not through courier service) on or before **30.09.2019 by 5.00 P.M.** And the same will be opened at **11.00 A.M. on dt.01.10.2019** in presence of the quotationers or their authorized representatives, who may be present at the time of opening of quotation. If the office happens to be closed on the date of the receipt & opening of the quotation as specified the quotation will be received & opened on the next working day at the same time & Venue. Any postal delay will not be responsibility of the undersigned. This is purely responsibility of the quotationers. The authority reserve the right to cancel all or any quotation without assigning any reason thereof.

1. Construction of Bus Stand at Belpahar Municipality.
2. Construction of Model Crematorium at Belpahar Municipality.
3. Construction of Smart Park at Belpahar Municipality.

**Sd/-**
**Executive Officer,**
**Belpahar Municipality**

